ଭାରତୀୟ ରିଜର୍ଭ ବ୍ୟାଙ୍କ

ଅକ୍ଟୋବର ୧୫,୨୦୧୫

ଆର.ବି.ଆଇ /୨୦୧୫-୧୬ / ୨୦୭

ଡି.ସି.ବି.ଆର୍. ବି.ପି.ଡ଼ି. (ପି.ସି.ବି. / ଆର୍.ସି.ବି.) ପରିପତ୍ର କ୍ରମ ସଂଖ୍ୟା.୩/୧୩.୦୫.୦୦୧/୨୦୧୫-୧୬

ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ସମସ୍ତ ପ୍ରାଥମିକ (ସହରୀ) ସମବାୟ ବ୍ୟାଙ୍କ ସମୂହ / ରାଜ୍ୟ / କେନ୍ଦ୍ରୀୟ ସମବାୟ ବ୍ୟାଙ୍କ / ଏସ୍.ଟି.ସି.ବି.ଜ / ସି.ସି.ବି.ଜ୍)

ମହାଶୟ / ମହାଶୟା

**ସ୍ୱର୍ଣ୍ଣ ଅଳଙ୍କାର / ଗହଣା / ଆଭୂଷଣ ବନ୍ଧକ ଋଣ ଅଗ୍ରୀମ**

୧. ଦୟାକରି ତା୦୯.୦୫.୨୦୧୪ରିଖରେ ଜାରୀ ପରିପତ୍ର ୟୁ.ବି.ଡି. ସି.ଓ. ବି.ପି.ଡି. ପିସିବି ପରିପତ୍ର କ୍ରମ ସଂଖ୍ୟା ୬୦/୧୩.୦୫.୦୦୧/୨୦୧୩-୧୪ ଏବଂ ତା୦୧ ଜୁଲାଇ, ୨୦୧୪ରିଖରେ ଜାରୀ ଆରପିସିଡି.ଆର୍‌ଆର୍‌ବି.ଆର୍‌ସିବି. ବିସି କ୍ରମ ସଂଖ୍ୟା ୦୮.୦୩.୦୫୩୩ / ୨୦୧୪-୧୫ର ଅନୁଚ୍ଛେଦ ୩କୁ ଅନୁଶୀଳନ କରନ୍ତୁ ଯେଉଁଥିରେ ଋଣ ଗ୍ରହୀତାମାନଙ୍କୁ ମୂଲ୍ୟାୟର ମାନ ସ୍ଥିର କରିବା ପାଇଁ ଅଧିକ ସ୍ୱଚ୍ଛତା ଉପରେ ଧ୍ୟାନ ରଖି ନିର୍ଦ୍ଧାରଣ କରାଯାଇଅଛି ଯେ, ଭାରତୀୟ ବଲିୟନ ଏବଂ ଅଳଙ୍କାର ସଂଘ ଲିମିଟେଡ (ପୂର୍ବରୁ ବମ୍ବେ ବଲିୟନ ଆସୋସିଏସନ ଲିମିଟେଡ ନାମରେ ଜ୍ଞାତ) ଦ୍ୱାରା ସୂଚୀତ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ/ସହପାର୍ଶ୍ୱିକା ରୂପେ ଗ୍ରହଣ କରାଯାଉଥିବା ସ୍ୱର୍ଣ୍ଣ ୨୨ କ୍ୟାରେଟ ସୁନାର ପୂର୍ବ ସୂଚୀତ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ/ସହପାର୍ଶ୍ୱିକା ରୂପେ ଗ୍ରହଣ କରାଯାଉଥିବା ସ୍ୱର୍ଣ୍ଣ ୨୨ କ୍ୟାରେଟ ସୁନାର ପୂର୍ବ ୩୦ ଦିନର ହାରାହାରି ଅନ୍ତିମ ମୂଲ୍ୟ ଉପରେ ହେବ।

୨. ସମୀକ୍ଷାରୁ ଏହା ସ୍ଥିର ହୋଇଅଛି ଯେ, ଭାରତୀୟ ପ୍ରତିଭୂତି ଏବଂ ନିରାପତ୍ତା ବୋର୍ଡ଼ ଦ୍ୱାରା ନିୟନ୍ତ୍ରିତ ଏକ ଦ୍ରବ୍ୟ ବିନିମୟ ଦ୍ୱାରା ୩୦ ଦିନ ପୂର୍ବରୁ ଉପଲବ୍ଧ ସାଧାରଣରେ ପ୍ରଘଟିତ ଐତିହାସିକ ନିର୍ଦ୍ଦିଷ୍ଟ ସ୍ୱର୍ଣ୍ଣ ମୂଲ୍ୟତଥ୍ୟକୁ ସମବାୟ ବ୍ୟାଙ୍କଗୁଡ଼ିକ ମଧ୍ୟ ବ୍ୟବହାର କରିପାରିବେ।

ଆପଣଙ୍କ ବିଶ୍ୱସ୍ତ

(ସୁମା ବର୍ମା)

ପ୍ରଧାନ ମୁଖ୍ୟ ମହା ପ୍ରବନ୍ଧକ